# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29th November - 2024**

**News Editor : *Itishree Singh Rathaur***

`*********************************`

***BBSR/C***

## ପି.ଏମ୍. - ଓଡ଼ିଶା ଗସ୍ତ

ଭୁବନେଶ୍ୱରଠାରେ ଆଜିଠାରୁ ୫୯ତମ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଆରମ୍ଭ ହେଉଛି । ଏହା ୩ ଦିନ ଧରି ଚାଲିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍‌ଙ୍କ ସମେତ ଦେଶର ପ୍ରମୁଖ ସୁରକ୍ଷା ସଂସ୍ଥାର ମୁଖ୍ୟମାନେ ସମ୍ମିଳନୀରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଆଜି ଅପରାହ୍ଣ ୪ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିବା ପରେ ଏକ ରୋଡ୍ ଶୋ'ରେ ରାଜଭବନ ଯିବେ । ସେଠାରୁ ରାଜ୍ୟ ବି.ଜେ.ପି. କାର୍ଯ୍ୟାଳୟ ଯାଇ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ । ଅନ୍ୟପକ୍ଷରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଅପରାହ୍ଣ ଗୋଟାଏ ୧୫ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସିଧାସଳଖ ଲୋକସେବା ଭବନକୁ ଯାଇ ସେଠାରେ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗଗୁଡ଼ିକ ଉପରେ

ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କ ସହ ଆଲୋଚନା କରିବେ । ଆସନ୍ତାକାଲି ଓ ରବିବାର ଦିନ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଯୋଗଦେବେ ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଧାନସଭା ଆଜି ଏବଂ ଆସନ୍ତାକାଲି ବନ୍ଦ ରହିବ ବୋଲି ବିଧାନସଭା ସୂତ୍ରରୁ ପ୍ରକାଶ ପାଇଛି ।

***Desk***

# ଶିଳ୍ପ ଅନୁମୋଦନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ ବୈଠକରେ ୨୦ଟି ଶିଳ୍ପ ପ୍ରକଳ୍ପକୁ ୧ ଲକ୍ଷ ୩୬ ହଜାର ୬୨୨ କୋଟି ଟଙ୍କାର ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୭୪ ହଜାରରୁ ଊର୍ଦ୍ଧ୍ୱ କର୍ମ ନିଯୁକ୍ତି ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ବିଗତ ୬ ମାସ ମଧ୍ୟରେ ୭୩ଟି ଶିଳ୍ପ ପ୍ରକଳ୍ପ ଜରିଆରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ସହିତ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ରାଜ୍ୟକୁ ଆଣିବାପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି ।

*Desk*

# ମତ୍ସ୍ୟଚାଷ - କେନ୍ଦ୍ର ଅନୁମୋଦନ

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାରେ ଓଡ଼ିଶାପାଇଁ ୧ ହଜାର ୨୬୫ କୋଟି ଟଙ୍କା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ମତ୍ସ୍ୟ ଚାଷ ମନ୍ତ୍ରଣାଳୟ ସୂଚନା ଅନୁସାରେ ସରକାର ୫୬୪ କୋଟି ଟଙ୍କା ମାଛଚାଷ ପାଇଁ ରାଜ୍ୟ ସରକାରଙ୍କୁ ଦେବେ । ଏହି ଯୋଜନାରେ ୨୪ ହଜାର ମାଛଚାଷୀଙ୍କୁ ମଧ୍ୟ  ଆର୍ଥିକ ସହାୟତା ଦିଆଯିବ ।

*Desk*

# ରାଜ୍ୟ ସରକାର - ସାମ୍ବାଦିକ ପେନ୍‌ସନ୍

ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ପାଇଁ ସରକାରୀ ବୀମାରାଶି ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି ବୋଲି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଦେଇଥିବା ଉତ୍ତରରେ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କଦ୍ୱାରା ସାମ୍ବାଦିକମାନଙ୍କ ପେନ୍‌ସନ୍  ଏବଂ ଭୂମିହୀନ ସାମ୍ବାଦିକଙ୍କୁ ମାଗଣା ଜମି ଯୋଗାଇବାପାଇଁ ସରକାରଙ୍କର ବର୍ତ୍ତମାନ କୌଣସି ବ୍ୟବସ୍ଥା ନାହିଁ ।

*Desk*

## ହାତୀ ଗଣନା

ରାଜ୍ୟରେ ୨ ହାଜର ୧୦୩ଟି ହାତୀ ଥିବା ଶୀତକାଳୀନ ହାତୀ ଗଣନା ରିପୋର୍ଟରେ କୁହାଯାଇଛି । ବିଗତ ୫ ମାସ ଗଣନା ମଧ୍ୟରେ ଆଉ ୫ଟି ହାତୀସଂଖ୍ୟା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ୪୮ଟି ହାତୀର ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି । ବନବିଭାଗର ୮ଟି ସର୍କଲ୍‌ର ୫୧ଟି ବନଖଣ୍ଡ ମଧ୍ୟରୁ ୩୮ଟି ବନଖଣ୍ଡରେ ହାତୀ ଗଣନା କରାଯାଇଥିଲା । ସୂଚନାଯୋଗ୍ୟ, ଚଳିତ ବର୍ଷ ଗ୍ରୀଷ୍ମକାଳୀନ ହାତୀ ଗଣନାରେ ରାଜ୍ୟରେ ମୋଟ୍ ହାତୀସଂଖ୍ୟା ୨ ହଜାର ୯୮ ଥିଲା ।

***Desk***

## ସୁଭଦ୍ରା ଯୋଜନା

ଚଳିତ ମାସ ସୁଦ୍ଧା ଯେଉଁ ମହିଳାମାନଙ୍କର ବୟସ ୨୧ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନେ ସୁଭଦ୍ରା ଯୋଜନାରେ ଆର୍ଥିକ ସାହାଯ୍ୟ ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ସୁଭଦ୍ରା ଯୋଜନାପାଇଁ ଆବେଦନ ଖାରଜର ଯାଞ୍ଚ୍ ଶେଷ ହେବ । ମାଲକାନଗିରି, ଗଜପତି ଓ କୋରାପୁଟ ଜିଲ୍ଲାରେ ଅଧିକ ଆବେଦନ ଖାରଜ ହୋଇଥିବାରୁ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ଆବଦନଗୁଡ଼ିକ ଯାଞ୍ଚ୍ କରାଯାଇଛି । ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ୧

କୋଟି ୬ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ଆର୍ଥିକ ସାହାଯ୍ୟ ପାଇବାପାଇଁ ଆବେଦନ କରିଛନ୍ତି । ସେଗୁଡ଼ିକ ମଧ୍ୟରୁ ୨ ଲକ୍ଷ ୬୪ ହଜାର ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି ।

***Desk***

# ଯୁକ୍ତ ଦୁଇ - ଫର୍ମ ପୂରଣ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ପାଠ୍ୟକ୍ରମ ପରୀକ୍ଷାର ଫର୍ମ ପୂରଣ ଅବଧି ପୁଣି ଥରେ ବୃଦ୍ଧି କରାଯାଇଛି । ଆଜି ଓ ଆସନ୍ତାକାଲି ଆବେଦନକାରୀ ପରୀକ୍ଷାର୍ଥୀମାନେ ୬୦୦ ଟଙ୍କା ଜରିମାନା ଦାଖଲ କରି ଫର୍ମ ପୂରଣ କରିପାରିବେ । ଆସନ୍ତା ମାସ ୨ ତାରିଖ ମଧ୍ୟରେ ଦେୟ ଦାଖଲ କରିବାର ଶେଷ ଦିନ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ସୁଦ୍ଧା ୩ ଲକ୍ଷ ୯୨ ହଜାର ୮୬୭ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପାଠ୍ୟକ୍ରମ ପରୀକ୍ଷାପାଇଁ ଫର୍ମ ପୂରଣ କରିଛନ୍ତି ।

***Ganjam/R***

# ଖଲିକୋଟ ବିଶ୍ୱବିଦ୍ୟାଳୟ - କୁଳସଚିବ

ବ୍ରହ୍ମପୁରସ୍ଥିତ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ବରିଷ୍ଠ ପ୍ରଶାସକ ଡକ୍ଟର ଶ୍ୱେତ କୁମାର ଦାସ ନିଯୁକ୍ତି ପାଇଛନ୍ତି । ସାଧାରଣ

ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ଦାସ ବର୍ତ୍ତମାନ ରାଜ୍ୟ ନିର୍ବାଚନ ଆୟୋଗର ଯୁଗ୍ମ ସଚିବ ଅଛନ୍ତି ।

***Ganjam/R***

## ଯକ୍ଷ୍ମାମୁକ୍ତ ପଞ୍ଚାୟତ

୨୦୨୩ ମସିହାରେ ଗଞ୍ଜାମ ଜିଲ୍ଲାର ୫୩ଟି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ରାଜ୍ୟର ୩୧୪ଟି ବ୍ଲକ୍‌ର ୬ ହଜାର ୮୦୨ଟି ପଞ୍ଚାୟତ ମଧ୍ୟରୁ ୧୨୬ଟି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି ।

***Desk***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ପାଗ ମେଘୁଆ ରହିବା ସହିତ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

*****